# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**01st July - 2026**

***************************************

*Desk*

## ଭି.ଭି.ଜି.ରାମ୍.ଜି.

ବିକଶିତ ଭାରତ - ନିଶ୍ଚିତ ରୋଜଗାର ଏବଂ ଆଜୀବିକା ମିଶନ ଗ୍ରାମୀଣ ଆଇନ୍ ୨୦୨୫ ଆଜିଠାରୁ ଦେଶବ୍ୟାପୀ କାର୍ଯ୍ୟକାରୀ ହେଉଛି। କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଭିବି ଜି ରାମ ଜି ଆଇନ୍ ଅଧୀନରେ ପ୍ରତ୍ୟେକ ଆର୍ଥିକ ବର୍ଷରେ ୧୨୫ ଦିନର ନିଶ୍ଚିତ କାମ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ଯୋଗାଇ ଦିଆ ନ ଗଲେ ଭତ୍ତା ପ୍ରଦାନ କରାଯିବ। ଚଳିତ ଆର୍ଥିକ ବର୍ଷରେ ଏହି ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ୯୫ ହଜାର ୬୯୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଭିବି-ଜି. ରାମ୍ ଜି. ଆଇନ'୍ ପ୍ରଚଳିତ ୨୦୦୫ ମସିହାର ମହାତ୍ମା ଗାନ୍ଧୀ ରାଷ୍ଟ୍ରୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା ପରିବର୍ତ୍ତେ କାର୍ଯ୍ୟକ୍ଷମ ହୋଇଛି।

*IPR*

# ରାଜ୍ୟପାଳ - ରାଜସ୍ୱ ସେବା

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟି ଓଡ଼ିଶା ରାଜସ୍ୱ ସେବାର ପ୍ରଶିକ୍ଷାର୍ଥୀମାନଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ବିଷୟରେ ଜ୍ଞାନ ଅର୍ଜନ କରି ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଏକ ପ୍ରଭାବଶାଳୀ ସେତୁ ଭାବରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି । ଭୁବନେଶ୍ୱର ଲୋକଭବନ ସ୍ଥିତ ନିଯୁ ଅଭିଷେକ ହଲ୍‌ରେ ରାଜସ୍ୱ ଅଧିକାରୀ ତାଲିମ୍ ପ୍ରତିଷ୍ଠାନର ପ୍ରଶିକ୍ଷାର୍ଥୀଙ୍କ ସହ ଭାବ ବିନିମୟ କରି ରାଜ୍ୟପାଳ କହିଛନ୍ତି, ଅଧିକାରୀମାନେ ତୃଣମୂଳସ୍ତରର ବାସ୍ତବତା ବିଷୟରେ ସମ୍ପୂର୍ଣ୍ଣଭାବେ ଅବଗତ ହେବା ଆବଶ୍ୟକ । ସଚେତନ ଅଧିକାରୀମାନେ ଲୋକସେବା ବ୍ୟବସ୍ଥାକୁ ମଜବୁତ କରିବା ଏବଂ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଲାଭ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ବୋଲି ରାଜ୍ୟପାଳ କହିଛନ୍ତି ।

*Desk*

# ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା

ମାଧ୍ୟମିକ ଶିକ୍ଷା ପରିଷଦଦ୍ୱାରା ପରିଚାଳିତ ମାଟ୍ରିକ୍ ସପ୍ଲିମେଣ୍ଟାରୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଆସନ୍ତାକାଲିଠାରୁ ଆରମ୍ଭ ହେବ । ଉଭୟ ପରୀକ୍ଷାପାଇଁ ୨୪ ହଜାର ୪୭୦ ଜଣ ପରୀକ୍ଷାର୍ଥୀ

ଆବେଦନ କରିଥିବାବେଳେ ୨୫୧ଟି କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହେବ । ପରୀକ୍ଷା ସକାଳ ୯ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ଚାଲିବ ।

***IPR***

## ରଥଯାତ୍ରା - ସୂଚନାକେନ୍ଦ୍ର

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ସମୟରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଉପରେ ନ୍ୟସ୍ତ ଦାୟିତ୍ୱକୁ ଶୃଙ୍ଖଳିତ ଓ ସୁଚାରୁରୂପେ ସମ୍ପାଦନ କରିବା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଆବଶ୍ୟକତା ଅନୁଯାୟୀ ପୁରୀର ବିଭିନ୍ନ ସ୍ଥାନରେ ଅସ୍ଥାୟୀ ସୂଚନା କେନ୍ଦ୍ର ସ୍ଥାପନପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

***Ganjam/R***

## ଏସ୍.ଆଇ.ଆର୍. - ପ୍ରଶିକ୍ଷଣ

ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ସଂଶୋଧନ କାର୍ଯ୍ୟକ୍ରମକୁ ସ୍ୱଚ୍ଛ ଓ ସଠିକ୍ କରିବା ପାଇଁ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ହୋଇଯାଇଛି । ଭୋଟର୍‌ମାନଙ୍କ ଆପତ୍ତି ଅଭିଯୋଗର ସମାଧାନ ନେଇ ଉପଜିଲ୍ଲାପାଳ ଆଲୋଚନା କରିଥିଲେ ।

*Ganjam/R*

# ସାଇବର ସୁରକ୍ଷା

ଗଞ୍ଜାମ ଜିଲ୍ଲା ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗର ଛାତ୍ରଛାତ୍ରୀଙ୍କପାଇଁ ଦିନିକିଆ ସାଇବର ସୁରକ୍ଷା ସମ୍ପର୍କିତ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଗଣିତ ବିଭାଗର ମୁଖ୍ୟ ପ୍ରଫେସର ମନୋଜ କୁମାର ପଟ୍ଟନାୟକ’ ସାଇବର ସୁରକ୍ଷା ବିଶ୍ୱପାଇଁ ସୃଷ୍ଟି କରିଥିବା ଆହ୍ୱାନ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସୂଚନା ଦେଇଥିଲେ ।

*Bhadrak/R*

# ସାମ୍ବାଦିକ ସଂଘ ବୈଠକ

ଭଦ୍ରକଠାରେ ଚାଲିଥିବା ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଉଦ୍‌ଯାପିତ ହୋଇଯାଇଛି । ସାମ୍ବାଦିକମାନେ ସତ୍ୟ, ନିରପେକ୍ଷ ଓ ଗଠନମୂଳକ ସମ୍ବାଦ ପରିବେଷଣ କରି ଗ୍ରାମାଞ୍ଚଳର ସାଧାରଣ ଲୋକଙ୍କ ମୌଳିକ ସମସ୍ୟାକୁ ସରକାରଙ୍କ ନିକଟରେ ପହଞ୍ଚାଇବାପାଇଁ ବୈଠକରେ ଉପସ୍ଥିତ ଅତିଥିମାନେ ପରାମର୍ଶ ଦେଇଥିଲେ ।

*Cuttack/R*

## ବାୟୁସେନା - ଚିକିତ୍ସା ସହାୟକ

ଭାରତୀୟ ବାୟୁସେନା ପକ୍ଷରୁ ବାୟୁ ସୈନିକ ଅଣବୈଷୟିକ ଚିକିତ୍ସା ସହାୟକପାଇଁ ପୁରୁଷ ପ୍ରାର୍ଥୀଙ୍କଠାରୁ ଅନ୍‌ଲାଇନ୍ ଆବେଦନ ଆହ୍ୱାନ କରାଯାଉଛି । ଏହି ନିଯୁକ୍ତିପାଇଁ ପ୍ରାର୍ଥୀମାନଙ୍କର ଯୁକ୍ତ ଦୁଇ ବିଜ୍ଞାନରେ ସର୍ବନିମ୍ନ ୫୦ ପ୍ରତିଶତ ନମ୍ବର ସହ ଫାର୍ମାସୀ କାଉନ୍‌ସିଲ୍‌ର ବୈଧ ପଞ୍ଜୀକରଣ ଥିବା ଆବଶ୍ୟକ । ଅନ୍‌ଲାଇନ୍ ଆବେଦନ ଚଳିତ ମାସ ୬ରୁ ୨୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଏଥିପାଇଁ ସେପ୍ଟେମ୍ବର ମାସ ୨୨ ଓ ୨୩ ତାରିଖରେ ଅନ୍‌ଲାଇନ୍ ପରୀକ୍ଷା ଅନୁଷ୍ଠିତ ହେବ ।

*Desk*

## ଜାତୀୟ ଡାକ୍ତର ଦିବସ

ସମାଜ ପ୍ରତି ଚିକିତ୍ସକମାନଙ୍କ ଅତୁଳନୀୟ ଅବଦାନକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆଜି ଜାତୀୟ ଡାକ୍ତର ଦିବସ ପାଳିତ ହେଉଛି। ସାମୂହିକ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଚିକିତ୍ସକମାନଙ୍କ ଅକ୍ଳାନ୍ତ ଚେଷ୍ଟା ଓ ପରିଶ୍ରମ ଏବଂ ନିଃସ୍ୱାର୍ଥପର ସେବାକୁ ବିଚାରକୁ ନେଇ ଏହି ଦିବସର ମହତ୍ତ୍ୱ ପ୍ରତିପାଦିତ ହୋଇଥାଏ। ପ୍ରଖ୍ୟାତ ଚିକିତ୍ସକ ଡାକ୍ତର ବିଧାନ ଚନ୍ଦ୍ର ରାୟଙ୍କ ଜନ୍ମ ତଥା ତିରୋଧାନ ଦିବସ ଜୁଲାଇ ୧ ତାରିଖକୁ ଜାତୀୟ ଡାକ୍ତର ଦିବସ ଭାବେ ପାଳନ କରାଯାଇଥାଏ। ଆଜିର ଦିବସର ବାର୍ତ୍ତା ରହିଛି, ‘ମୁଖା ପଛରେ :

ଅନ୍ୟକୁ ସୁସ୍ଥ କରୁଥିବା ଚିକିତ୍ସକଙ୍କୁ କିଏ କରେ ସୁସ୍ଥ ?' ଅର୍ଥାତ୍ ପରଦା ପଛରେ ରହି ଆମକୁ ଆରୋଗ୍ୟ କରୁଥିବା ଚିକିତ୍ସକଙ୍କୁ ସୁସ୍ଥ ରଖିବା ।

***Desk***

# ଦୃଷ୍ଟିବାଧିତ ଫୁଟ୍‌ବଲ୍

ରାଜ୍ୟରେ ପ୍ରଥମ ଥରପାଇଁ ଆଜିଠାରୁ ଉତ୍ତର-ପୂର୍ବାଞ୍ଚଳ ଦୃଷ୍ଟିବାଧିତ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ । ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ପ୍ରତିଯୋଗିତାରେ ୬ଟି ରାଜ୍ୟର ଖେଳାଳୀମାନେ ଅଂଶଗ୍ରହଣ କରିବେ । ଭୁବନେଶ୍ୱର ଫୁଟ୍‌ବଲ୍ ଏକାଡେମୀ ପଡ଼ିଆରେ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଛି ।

***Met. O.***

# ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି । ଏହାର ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଉତ୍ତର ବଙ୍ଗୋପସାଗର ଓ ସଂଲଗ୍ନ ଦକ୍ଷିଣ ବାଂଲାଦେଶ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହା ଘନୀଭୂତ ହୋଇ ଆସନ୍ତା ୨ ଦିନ ମଧ୍ୟରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର

ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି ।

*****